# ବିଶିଷ୍ଟ ଚଳଚିତ୍ର ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ ବ୍ୟକ୍ତ

**ଭୁବନେଶ୍ୱର, ତା ୨୩/୦୮ :** ବିଶିଷ୍ଟ ଚଳଚିତ୍ର ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ଶ୍ରୀ ବୋଷ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ । ଗତ କାଲି ହଠାତ ତାଙ୍କର ପ୍ରଣବାୟୁ ଉଡି ଯାଇଥିଲା । ସ୍ୱର୍ଗତ ବୋଷଙ୍କ ନିଧନରେ ଚଳଚିତ୍ର ଜଗତର ଜଣେ ଅତି ଲୋକପ୍ରିୟ ଅଭିନେତାଙ୍କ ସହ ରାଜ୍ୟବାସୀ ଜଣେ ସରଳ, ଶାନ୍ତ ସ୍ୱଭାବ ଅଭିନେତାଙ୍କୁ ହରାଇଲା ବୋଲି ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ ନିଜ ନିଜ ଶୋକ ବାର୍ତାରେ ପ୍ରକାଶ କରି କହିଛନ୍ତି ।

ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଏଭଳି ଏକ ଦୁଃଖଦ ସମୟରେ ତାଙ୍କ ପରିବାରବର୍ଗଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ ଜଣାଇଛନ୍ତି ।

**(ବିଜେପି ମିଡିଆ ସେଲ୍)**